# ରାମଚଣ୍ଡୀରେ ବୋଦାବଳି ପ୍ରଥା କିପରି ବନ୍ଦ ହେଲା - ସୁଦୂର ଅତୀତର ଅନୁଭୂତିରୁ

*(କେନ୍ଦ୍ରାପଡା ଜିଲ୍ଲାର ଦଶିପୁର ଗ୍ରାମରେ ୧୯୨୦ ମସିହାରେ ଜନ୍ମଲାଭ କରିଥିବା ସ୍ୱାଧୀନତା-ସଂଗ୍ରାମୀ ଓ ସମାଜ-ସଂସ୍କାରକ ଶ୍ରୀ ନରୋତ୍ତମ ବେହେରାଙ୍କ ଅପ୍ରକାଶିତ ଆତ୍ମ-ଜୀବନୀରୁ ସଂଗୃହୀତ)*

## ବୋଦାବଳି ପଛରେ ନ୍ୟସ୍ତସ୍ୱାର୍ଥ

୧୯୪୬ରେ ସ୍ୱାଧୀନତା ଆନ୍ଦୋଳନ ଓ ସମାଜ-ସଂସ୍କାର କାର୍ଯ୍ୟକୁ ଆଗେଇନେବା ଉଦ୍ଦେଶ୍ୟରେ ଆମମାନଙ୍କ ଦ୍ୱାରା ମାର୍ଶାଘାଇରେ ଗଢା ହୋଇଥିବା ଗୋପବନ୍ଧୁ ସେବାସଂଘର ପ୍ରଥମ ବିଶିଷ୍ଟ କାର୍ଯ୍ୟ ଥିଲା ଜମ୍ବୁ ଅଞ୍ଚଳରେ, ରାମଚଣ୍ଡୀ ଠାକୁରାଣୀଙ୍କ ପାଖରେ ଶହଶହ ବର୍ଷ ଧରି ଚାଲି ଆସୁଥିବା ବୋଦାବଳି ପ୍ରଥାକୁ ବନ୍ଦ କରିବା । ରାମନଗରରେ ଅବସ୍ଥିତ ରାମଚଣ୍ଡୀ ଠାକୁରାଣୀଙ୍କ ପାଖରେ ପ୍ରତିବର୍ଷ ପଣା ସଂକ୍ରାନ୍ତିରେ ଏକ ବଡ଼ ଧରଣର ଯାତ୍ରା ହୁଏ, ଯେଉଁ ଯାତ୍ରାକୁ କି ଶହଶହ ମାଇଲ୍ ଦୂରରୁ ଯାତ୍ରୀସବୁ ଆସିଥାନ୍ତି; ଏବଂ ସେହିଦିନ ଠାକୁରାଣୀଙ୍କ ପାଖରେ ଲୋକଙ୍କ ମାନସିକ ପୂରଣ ନାଁରେ ଅସଂଖ୍ୟ ବୋଦାବଳି ଦିଆଯାଇଥାଏ; ଏହାଛଡା ଅନେକ ଲୋକ କୁକୁଡ଼ା ଆଣି ମଧ୍ୟ ମା'ଙ୍କ ପାଖରେ ଛାଡ଼ି ଦିଅନ୍ତି । ରାମଚଣ୍ଡୀ ଠାକୁରାଣୀ ଘନ ଜଙ୍ଗଲ ଭିତରେ ଅବସ୍ଥିତ ଏବଂ ତା'ର ଚତୁର୍ଦ୍ଦିଗ ୨ ମାଇଲ୍‌ରୁ ୧୦/୧୫ ମାଇଲ୍ ପର୍ଯ୍ୟନ୍ତ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା, ଯେଉଁଥିରେ କି ବାଘ, ଭାଲୁ ଓ ବାର୍‌ହା ଇତ୍ୟାଦି ହିଂସ୍ରଜନ୍ତୁ ବହୁଳ ଭାବେ ଥାନ୍ତି । ରାମଚଣ୍ଡୀଙ୍କ ଦକ୍ଷିଣରେ ତିନିମାଇଲ୍ ଦୂରରେ ବରଜ ବାହାକୁଦ ବୋଲି ଗୋଟିଏ ଗ୍ରାମ ଥାଏ; ତା'ର ଚତୁଃପାର୍ଶ୍ୱ ମଧ ଜଙ୍ଗଲଘେରା । ସେହି ଗ୍ରାମରେ ଥିବା ବ୍ରାହ୍ମଣ ସେବାୟତ ଠାକୁରାଣୀଙ୍କ ପୂଜା କରିଥାନ୍ତି ତଥା ଲୋଧା ସଂପ୍ରଦାୟର ଲୋକେ ବଳି ପକାଇଥାନ୍ତି । ବ୍ରାହ୍ମଣ ସେବାୟତମାନେ ଦିନରେ ଠାକୁରାଣୀଙ୍କ ସେବା ସାରିଦେଇ ସନ୍ଧ୍ୟା ପୂର୍ବରୁ ଗ୍ରାମକୁ ଫେରି ଯାଆନ୍ତି । କାରଣ, ସେଠି ହିଂସ୍ରଜନ୍ତୁ ବହୁଳ ସଂଖ୍ୟାରେ ଥିବାରୁ ରାତ୍ରୀରେ କେହି ରହିବାକୁ ନିରାପଦ ମନେ କରନ୍ତି ନାହିଁ । ଏହି ଠାକୁରାଣୀଙ୍କ ନାମରେ ଆମ ଅଞ୍ଚଳର ଜମିଦାର କୁଜଙ୍ଗର ବର୍ଦ୍ଧମାନ ମହାରାଜା ବେଶ୍ ପରିମାଣର ଜମି ଖଞ୍ଜି ଦେଇଥିଲେ ଏବଂ ସେହି ଆୟରୁ ତାଙ୍କ କର୍ମଚାରୀମାନେ ଠାକୁରାଣୀଙ୍କ ଜାନିଜାତରାସବୁକୁ ପରିଚାଳନା କରନ୍ତି । ପଣାସଂକ୍ରାନ୍ତି ଦିନ ଯେଉଁ ସମୂହ ବୋଦାବଳି ପଡେ, ସେଥିରୁ ପ୍ରତ୍ୟେକ ବଳିର ମୁଣ୍ଡ ଜମିଦାରଙ୍କ ପାଣ୍ଠିକୁ ଯାଏ । କର୍ମଚାରୀମାନେ ସେହି ମୁଣ୍ଡକୁ ସଂଗେସଂଗେ ବିକ୍ରି କରିଦିଅନ୍ତି ଏବଂ ସେହି ଗୋଟିଏ ଦିନରେ ଜମିଦାରଙ୍କର ହଜାରହଜାର ଟଙ୍କା ଆୟ ହୋଇଥାଏ ।

## ସଂକଳ୍ପବଦ୍ଧ ସ୍ୱେଚ୍ଛାସେବୀ ଦଳ

ଆମର ଗୋପବନ୍ଧୁ ସେବାସଂଘ ସ୍ଥିର କଲା ଯେ, ରାମଚଣ୍ଡୀଙ୍କ ପାଖରେ ଏହି ବଳିପ୍ରଥାକୁ ବନ୍ଦ କରିବାକୁ ପଡ଼ିବ, ଏବଂ ସାଥେସାଥେ ଯାତ୍ରୀଙ୍କ ଭିତରେ ଶୃଙ୍ଖଳାରକ୍ଷା ଓ ପିଇବାପାଣି ଯୋଗାଇଦେବା ଭଳି ଗଠନମୂଳକ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ । ଏହି ନିଷ୍ପତ୍ତି ଅନୁଯାୟୀ ସେବାସଂଘର ସଭାପତି ବୃନ୍ଦାବନ ଲେଙ୍କା, ଉପସଭାପତି ବାମଦେବ ମହାପାତ୍ର ଓ ସଂପାଦକ ମୋତେ ମିଶେଇ ଆମ୍ଭେ ପ୍ରାୟ ୫୦ଜଣ ସ୍ୱେଚ୍ଛାସେବୀ ନିର୍ଦ୍ଧାରିତ ଦିନ ରାମଚଣ୍ଡୀ ଯାତ୍ରାରେ ଉପସ୍ଥିତ ହେଲୁ । କେତେକ ଉଚ୍ଚପଦସ୍ଥ କଂଗ୍ରେସ ନେତା ଆମର ଆମନ୍ତ୍ରଣ କ୍ରମେ ଆମ୍ଭମାନଙ୍କୁ ସାହାଯ୍ୟ କରିବା ପାଇଁ ସେଠାରେ ଉପସ୍ଥିତ ଥିଲେ; ଯଥା ନିକଟରେ ଜେଲ୍‌ରୁ ଫେରିଥିବା କେନ୍ଦ୍ରାପଡ଼ାର ଶଚ୍ଚିଦାନନ୍ଦ ମହାନ୍ତି ଓ ପଟ୍ଟାମୁଣ୍ଡାଇର କୁମାର କରୁଣାକର ନାୟକ । ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଥିଲେ କାନପୁରର ଘନଶ୍ୟାମ ସାମଲ ଓ ଦୁର୍ଯ୍ୟୋଧନ ମହାନ୍ତି, ମାର୍ଶାଘାଇର ଗନ୍ଧର୍ବ ରାଉତ ଓ ପ୍ରହ୍ଲାଦ ରାଉତ, ଏବଂ ମୋ ଗ୍ରାମ ଦଶିପୁରରୁ ଭଗବାନ ପ୍ରଧାନ, ନିଶାମଣି ରାଉତ, ଗୌରାଙ୍ଗ ଜେନା ଓ କୁଳମଣି ରାଉତ ପ୍ରମୁଖ । ଗୋଜାବନ୍ଧର ଗଙ୍ଗାଧର ସାମନ୍ତରାୟ ତାଙ୍କ ଗାନ୍ଧୀ ସେବାସଂଘରୁ ପ୍ରାୟ ୨୦/୩୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି କାର୍ଯ୍ୟକ୍ରମରେ ଆମ୍ଭମାନଙ୍କୁ ସକ୍ରିୟ ସହଯୋଗ କରିଥିଲେ ।

## ପ୍ରତିବାଦ କାର୍ଯ୍ୟକ୍ରମ

ଠିକ୍ ବୋଦାବଳି ପୂର୍ବରୁ ଆମେ କେତେଜଣ ବଛାବଛା କର୍ମୀ ପ୍ରଥମେ ଅର୍ଗଳି, ଯେଉଁଠିକି ବୋଦା ବଳି ପଡ଼େ, ତା'ର ଚାରିପାଖରେ କୁଣ୍ଡଳୀ ଆକାରରେ ଘେରାଉ କରି ବସିଲୁ ଓ ସୂତାକଟା ଓ ରାମଧୁନ୍ ଆରମ୍ଭ କରିଦେଲୁ। ଜମିଦାର ଓ

ସେବାୟତଙ୍କ ତରଫରୁ ଖୁବ୍ ଉଦ୍ୟମ ଚାଲିଥାଏ, ସେଠୁ ଆମକୁ ଜବରଦସ୍ତ ଉଠାଇଦେଇ ବୋଦାବଳି ଆରମ୍ଭ କରିବାକୁ । ଆମ୍ଭେମାନେ ଏ କଥା ଜାଣିପାରି ସଭାକାର୍ଯ୍ୟ ଆରମ୍ଭ କରିଦେଲୁ । ଆମ ସଂଘ ତରଫରୁ ଜଣକ ପରେ ଜଣେ ବକ୍ତୃତା ଦେଇ ଚାଲିଲୁ । ଲୋକେ ଆଗ୍ରହରେ ଆମ ବକ୍ତୃତା ଶୁଣୁଥାନ୍ତି । ଆମର ବକ୍ତବ୍ୟ ଥିଲା- ଯେ କୌଣସି ଦେବୀ ଜୀବଜଗତର ମା' ସ୍ୱରୂପା ଅଟନ୍ତି । ସେ କେବେ ନିଜ ସନ୍ତାନର ରକ୍ତ ଖାଇବାକୁ ଚାହେଁ ନାହିଁ । ଆମର ଅଜ୍ଞତା ଯୋଗୁଁ ଆମେ ମା'ଙ୍କ ପାଖରେ ବୋଦାବଳି ପକାଉଛୁ । ବୋଦା ମାନସିକ ଦ୍ୱାରା କୌଣସି ରୋଗ ଭଲହୁଏ ନାହିଁ, ବରଂ ଔଷଧପତ୍ର ଦ୍ୱାରା ରୋଗ ଭଲ ହୋଇଥାଏ । ଯାହାର ମାଂସ ଖାଇବା କଥା ସେ ନିଜେ ହାଣି ଖାଇବା ଦରକାର । ମା'ଙ୍କ ନାମରେ ବଳିଦେଇ ମାଂସ ଖାଇବା ଦ୍ୱାରା ମା'ଙ୍କୁ ଅବମାନନା କରାଯାଉଛି । ଏପ୍ରକାର କୁପ୍ରଥା ଉଠିଯିବା ଦରକାର । ଏହିପରି ଭାବରେ ଅର୍ଗଳି ଚତୁଃପାର୍ଶ୍ୱକୁ ସଭାମଞ୍ଚ କରି ଅର୍ଗଳି ଉପରେ ଠିଆ ହୋଇ ଦିନ ୨ଟାରୁ ରାତି ଆଠଟା ପର୍ଯ୍ୟନ୍ତ ଆମେ ସଭାକାର୍ଯ୍ୟ ଚଳେଇ ରଖିଲୁ । ଠିକ୍ ସଭାକାର୍ଯ୍ୟ ସରିଲା ବେଳକୁ ବାଙ୍କିଛନ୍ଦା ଗ୍ରାମର ଜଣେ ବ୍ୟକ୍ତି, ଯେ କି ମହାକାଳପଡା ଥାନାର ଦଫାଦାର ଥିଲେ କିନ୍ତୁ ମୋ ପାଖରେ ବିଶ୍ୱାସୀ ଥିଲେ, ସେ ଆସି ଆମକୁ ଭିତିରିଆ ଖବର ଦେଲେ ଯେ, ଆମ ସଭାକାର୍ଯ୍ୟ ସରବା ପରେପରେ ଜମିଦାରଙ୍କ ଲୋକ ଓ ସେବାୟତମାନେ ମିଶି ବଳିକାର୍ଯ୍ୟ ଚାଲୁ କରିବା ପାଇଁ ନିଜ ଭିତରେ ଠିକ୍ କରିଛନ୍ତି । ଏ ଖବର ପାଇ ଆମେ ହୁଇସିଲ୍ ଦ୍ୱାରା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ପୁଣି ସଭାସ୍ଥଳରେ ସମବେତ ହୋଇ ରହିବାକୁ ଆହ୍ୱାନ୍ କଲୁ । ପ୍ରାୟ ୧୦୦ଜଣ ସ୍ୱେଚ୍ଛାସେବୀ ପୁଣି ଏକାଠି ହୋଇଗଲେ ଏବଂ ଅର୍ଗଳି ଚାରିପଟକୁ ଘେରି ସୂତାକଟା, ରାମଧୂନ୍ ଓ ସଭାକାର୍ଯ୍ୟ ରାତି ପାହିବା ଯାଏଁ ଚଳାଇ ରଖିଲୁ । ଆମ୍ଭେମାନେ ମଧ ସେବାସଂଘ ତରଫରୁ ଭାତ-ଡାଲ୍‌ମା ଭୋଜିର ବ୍ୟବସ୍ଥା କରିଥିଲୁ, ଯାହାକି ବେଶ୍ ସୁସ୍ୱାଦୁକର ହୋଇଥିଲା ।

## ଆମ ବିରୁଦ୍ଧରେ ଗୁଜବ ଓ କୁସ୍ୱାରଟନା

ମାନସିକ ଯାତ୍ରୀମାନେ ଦେଖିଲେ ଯେ, ଆଉ ଦେବୀଙ୍କ ପାଖରେ ବଳି ପଡ଼ିବାର ସମ୍ଭାବନା ନାହିଁ । ରାତିପାହାନ୍ତା ବେଳକୁ ସେମାନେ ଘରବାହୁଡା ହୋଇ ସଙ୍ଗରେ ଆଣିଥିବା ବୋଦା ଓ କୁକୁଡା ସବୁକୁ ଜଙ୍ଗଲରେ ଛାଡ଼ିଦେଇ ଚାଲିଗଲେ । ଆଉ କେତେକ ଯାତ୍ରୀ ମନେକଲେ, ଏ ସୁଯୋଗ ଛାଡ଼ିବାର ନୁହେଁ । ଛଡ଼ାଯାଇଥିବା ବୋଦା ଓ କୁକୁଡାଗୁଡିକୁ ଯିଏ ଯାହା ପାଇଲେ, ସେଠାରୁ ନେଇ ପଳାଇଗଲେ । ବୋଦାବଳି ନପଡିବାରୁ ଜମିଦାରଙ୍କ ଆଣ୍ଠ ଭାଙ୍ଗିଗଲା, ଯଦିଓ ରକ୍ଷଣଶୀଳ ଲୋକେ ସେଠାରେ ପ୍ରଚାର କଲେ ଯେ, ରାମଚଣ୍ଡୀ ମା' ଗୋଟିଗୋଟି କରି ଏମାନଙ୍କ ବେକ ମୋଡ଼ି ଖାଇବ । କିନ୍ତୁ ଆମ୍ଭେମାନେ ଜିତାପଟ ମନରେ ଶିବିର ଭାଙ୍ଗି ଘରକୁ ଫେରିଲୁ । ବାଟରେ ଶୁଣିବାକୁ ପାଇଲୁ, ଶହଶହ ବର୍ଷଧରି ଚାଲିଆସୁଥିବା ବୋଦାବଳିକୁ ଆମେ ବନ୍ଦ କରିଥିବାରୁ କିଛି ଲୋକଙ୍କ ମନରେ ଆମ ପ୍ରତି ଘୃଣାଭାବ ଜାତ ହୋଇଛି । ତା'ପରେ ଦୁଇଦିନ ଧରି ମୋ ନାଁରେ ଚାରିଆଡ଼େ ପ୍ରଘଟ ହୋଇଗଲା ଯେ, ମୁଁ ବଳିପ୍ରଥାର ପ୍ରତିବାଦରେ ମୁଖ୍ୟ ଭାଗ ନେଇଥିବାରୁ ରାମଚଣ୍ଡୀ ମା' ମୋତେ ହଇଜାରେ ପକାଇ ମାରି ଦେଇଛନ୍ତି । ଏପରିକି ମୋର କେତେକ ବନ୍ଧୁବାନ୍ଧବ ଲୋକ ଏକଥା ଶୁଣି ମୋତେ ଦେଖିବାକୁ ଆସିଲେ, କିନ୍ତୁ ଦେଖିଲେ ଯେ, ମୁଁ ସଶରୀରେ ଏବଂ ସ୍ୱଗୃହରେ ବେଶ୍ ଭଲ ଅବସ୍ଥାରେ ଅଛି । ସେମାନେ ଗୁଜବକୁ ବିଶ୍ୱାସ କରିଥିବାରୁ ମନେମନେ ଲଜ୍ଜିତ ହେଲେ, କିନ୍ତୁ ମୋତେ ସୁସ୍ଥ ଓ ସ୍ୱାଭାବିକ ଦେଖି ଆନନ୍ଦରେ ନିଜନିଜ ଘରକୁ ଫେରିଗଲେ ।

## ବୋଦାବଳିର ପରିସମାପ୍ତି

ତା' ପରବର୍ଷ ପୁଣି ସେବାସଂଘ ତରଫରୁ ସ୍ୱେଚ୍ଛାସେବୀ ଦଳ ନେଇ ଆମେ ରାମଚଣ୍ଡୀ ଯାତ୍ରାରେ ଉପସ୍ଥିତ ହେଲୁ ଏବଂ ବୋଦାବଳିର କୁସଂସ୍କାର ବିଷୟରେ ବୁଝାଇବା ସଙ୍ଗେସଙ୍ଗେ ଲୋକଙ୍କ ଭିତରେ ପିଇବା ପାଣି ଓ ଔଷଧ ବଣ୍ଟନ ସହିତ ଶୃଙ୍ଖଳାରକ୍ଷା ଦାୟିତ୍ୱ ପାଳନ କଲୁ । ଏଥରକ ଯାତ୍ରାକୁ ଖୁବ୍ କମ୍ ସଂଖ୍ୟକ ବୋଦା ଆସିଥିଲେ । କିନ୍ତୁ ଲୋକମାନେ ଯେତେବେଳେ ଜାଣିଲେ ଯେ ଆଉ ବୋଦାବଳି ପଡ଼ିବାର ନାହିଁ, ସେମାନେ ଯେଝା ବୋଦା ଯେଝା ସାଥିରେ ନେଇ ଘରକୁ ଫେରିଗଲେ । ଏହିପରି ରାମଚଣ୍ଡୀରେ ସବୁଦିନ ପାଇଁ ବୋଦାବଳି ବନ୍ଦ ହୋଇଯାଇଛି ।

**ନରୋତ୍ତମ ବେହେରା**, ତା- ୨୦ ଜାନୁଆରୀ, ୨୦୦୭
ଗ୍ରାମ- ଦଶିପୁର, ଡାକ- ବାଲଣା,
ଭାୟା- ମାର୍ଶାଘାଇ, ଜି- କେନ୍ଦ୍ରାପଡା